# NATIONAL NEWS BULLETIN (ODIA)

## 21st August - 2024

## Morning Bulletin : 7.15 a.m.

******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ପୋଲାଣ୍ଡ ଓ ୟୁକ୍ରେନ୍‌କୁ ଆଜିଠାରୁ ତିନିଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ନିଜ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ଭାରତ ଓ ଜାପାନ ।

- ଭାରତ-ଆଫ୍ରିକା ବ୍ୟାବସାୟିକ ସମ୍ମିଳନୀକୁ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌ଖଡ଼ ।

- ପୂର୍ବାଞ୍ଚଳକୁ ଦେଶର ପ୍ରଗତିର ପ୍ରବେଶଦ୍ୱାର ଭାବେ ପରିଣତ କରିବା ଦିଗରେ କେନ୍ଦ୍ର ସରକାର ଅଙ୍ଗୀକାରବଦ୍ଧ, କହିଲେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟ୍‌ର ନବମ ସଂସ୍କରଣ ବାଂଲାଦେଶ ପରିବର୍ତ୍ତେ ସଂଯୁକ୍ତ ଆରବ ଏମିରେଟ୍ସ୍‌ରେ ଖେଳାଯିବା ନେଇଆଇ.ସି.ସି.୍ର ଘୋଷଣା ।

## ପି.ଏମ୍. - ପୋଲାଣ୍ଡ-ୟୁକ୍ରେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ପୋଲାଣ୍ଡ ଓ ୟୁକ୍ରେନ୍‌କୁ ତିନିଦିନିଆ ଗସ୍ତରେ ଯାଉଛନ୍ତି । ୱାର୍‌ସାରେ ଶ୍ରୀ ମୋଦିଙ୍କୁ ପାରମ୍ପରିକ ସ୍ୱାଗତ କରାଯିବ । ସେଠାରେ ସେ ତାଙ୍କର ପୋଲାଣ୍ଡ ପ୍ରତିପକ୍ଷ ଡୋନାଲ୍‌ଡ୍ ଟସ୍କ’ଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷୀୟ ଆଲୋଚନା କରିବେ । ଏଥିସହିତ ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡ୍ରେଜ୍ ଡୁଡା’ଙ୍କ ସହ ଶ୍ରୀ ମୋଦି ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟ, ବ୍ୟବସାୟୀ ନେତୃବୃନ୍ଦ ଏବଂ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା ଜଣାଇଛନ୍ତି, ୪୫ ବର୍ଷ ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ହେଉଛି ପ୍ରଥମ ପୋଲାଣ୍ଡ ଗସ୍ତ । ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ

ସ୍ଥାପନର ୭୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ମୋଦିଙ୍କର ଏହି ଗସ୍ତ ଗୁରୁତ୍ୱ ବହନ କରୁଛି । ଏହି ଅବସରରେ ପୋଲାଣ୍ଡ ସହିତ ଜାମ୍‌ନଗର ଓ କୋହ୍ଲାପୁରର ସ୍ୱତନ୍ତ୍ର ସମ୍ପର୍କ ବହନ କରୁଥିବା ସ୍ମାରକୀକୁ ଶ୍ରୀ ମୋଦି ପରିଦର୍ଶନ କରିବେ ।

ପୋଲାଣ୍ଡ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆସନ୍ତା ୨୩ ତାରିଖ ଦିନ ୟୁକ୍ରେନ୍ ଗସ୍ତ କରିବେ । ୧୯୯୨ ମସିହାରେ ଭାରତ-ୟୁକ୍ରେନ୍ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ହେବା ପରଠାରୁ ପ୍ରଥମ ଥର ଲାଗି ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦି ସେଠାକାର ରାଷ୍ଟ୍ରପତି ଭୋଲୋଦିମିର ଜେଲେନେସ୍କିଙ୍କ ଆମନ୍ତ୍ରଣକ୍ରମେ ସେହି ଦେଶ ଗସ୍ତ କରୁଛନ୍ତି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ କିଭ୍’ଠାରେ ସେଠାକାର ନେତୃବୃନ୍ଦଙ୍କ ସହିତ ରାଜନୈତିକ, ବାଣିଜ୍ୟ, ଅର୍ଥନୀତି, ପୁଞ୍ଜିନିବେଶ, ଶିକ୍ଷା, ସଂସ୍କୃତି, ମାନବିକ ସହାୟତା, ଜନସମ୍ପର୍କ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦ୍ୱିପକ୍ଷୀୟ ପ୍ରସଙ୍ଗରେ ଆଲୋଚନା କରିବେ । ଏତଦ୍‌ବ୍ୟତୀତ ଶ୍ରୀ ମୋଦି ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟ ଏବଂ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

## ପ୍ରେଜ୍ - ଫରିଦାବାଦ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ହରିୟାଣା ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ସେ ଫରିଦାବାଦସ୍ଥିତ ଜେ.ସି. ବୋସ୍ ବିଜ୍ଞାନ ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେବେ ।

## ଇଣ୍ଡିଆ-ଜାପାନ - ୨/୨ କୋଅପସରେନ

ଭାରତ ଓ ଜାପାନ ମଧ୍ୟରେ ପ୍ରତିରକ୍ଷା ଏବଂ ବୈଦେଶିକ ବ୍ୟାପାର କ୍ଷେତ୍ରରେ Two Plus Two ମନ୍ତ୍ରୀସ୍ତରୀୟ ବୈଠକରେ ଦ୍ୱିପକ୍ଷୀୟ ସହଯୋଗର ସମୀକ୍ଷା କରାଯାଇଛି । ଗତକାଲି ନୂଆଦିଲ୍ଲୀରେ ଆୟୋଜିତ ଏହି ବୈଠକରେ ଭାରତ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଭାଗ ନେଇଥିବାବେଳେ ଜାପାନର ପ୍ରତିରକ୍ଷା ମନ୍ତ୍ରୀ କିହାରା ମିନୋରୁ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ୟେକୋ କାମିକାୱା ଏଥିରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଦୁଇ ଦେଶର ପ୍ରତିରକ୍ଷା ଓ ବୈଦେଶିକ ବ୍ୟାପାର ମନ୍ତ୍ରୀମାନେ ଆପୋଷ ସ୍ୱାର୍ଥଜଡ଼ିତ ବିଭିନ୍ନ ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ସମସ୍ୟା ଉପରେ ମତ ବିନିମୟ କରିବା ସହିତ

ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ମଧ୍ୟ ଆଲୋଚନା କରିଛନ୍ତି ।

ବୈଠକ ପରେ ଏକ ପ୍ରେସ୍ ବିବୃତ୍ତିରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ୨୦୨୨ ସେପ୍ଟେମ୍ବର ମାସରେ ଟୋକିଓରେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଅନୁରୂପ ବୈଠକ ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରାଯାଇପାରିଛି । କେତେକ କ୍ଷେତ୍ରରେ ଫଳାଫଳ ଧାର୍ଯ୍ୟ ଲକ୍ଷ୍ୟରୁ ଅଧିକ ହୋଇଛି ବୋଲି ଉଲ୍ଲେଖ କରାଯାଇଛି । ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟରେ ଉତ୍ତମ ସମନ୍ୱୟ ଲାଗି ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ସିଂହ କହିଛନ୍ତି । ସେ କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଦିଗରେ ଭାରତ-ଜାପାନ ଭାଗିଦାରୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହାକୁ ବଜାୟ ରଖିବା ଦିଗରେ ଏହି ବୈଠକରେ ଉଭୟ ପକ୍ଷ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଏହି ବିବୃତ୍ତିରେ ଉଲ୍ଲେଖ କରିଛନ୍ତି ।

ସେହିଭଳି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ବୈଠକ ପରେ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି, ପ୍ରତିରକ୍ଷା ଏବଂ ନିରାପତ୍ତା ପ୍ରସଙ୍ଗରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ଏହି ବୈଠକର ସଫଳତା ଉପରେ ଆଲୋକପାତ କରି ସେ କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗୀୟର ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ଏଭଳି ମନ୍ତ୍ରୀସ୍ତରୀୟ କଥାବାର୍ତ୍ତା ଅନେକ ଗୁରୁତ୍ୱ ବହନ କରେ ଏବଂ ଏ ଦିଗରେ

ଉଭୟ ପକ୍ଷ ସହଯୋଗ ଜାରି କରିବା ନିମନ୍ତେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ସେହିଭଳି ସନ୍ତ୍ରାସବାଦ ଏବଂ ସୀମାପାର ଆତଙ୍କବାଦକୁ ଭାରତ ଓ ଜାପାନ ବିରୋଧ କରିବା ସହ ଏହାକୁ ପ୍ରତିହତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି । ଏହାଛଡ଼ା ଦୁଇ ଦେଶ ମଧ୍ୟରେ ଜନସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଜାପାନର ଫୁକୁଓକା ଠାରେ ଭାରତ ଖୁବ୍ ଶୀଘ୍ର ଏକ ବାଣିଜ୍ୟିକ ଦୂତାବାସ ଖୋଲିବ ବୋଲି ଡକ୍ଟର ଜୟଶଙ୍କର ଘୋଷଣା କରିଛନ୍ତି ।

## ଭି.ପି. - ଇଣ୍ଡିଆ-ଆଫ୍ରିକା କନ୍‌କ୍ଲେଭ୍

ଉପରାଷ୍ଟ୍ରପତି ଜଗଦୀପ ଧନ୍‌ଖଡ୍ ଆଜି ନୂଆଦିଲ୍ଲୀରେ ଭାରତୀୟ ଶିଳ୍ପ ମହାସଂଘଦ୍ୱାରା ଆୟୋଜିତ ୧୯ତମ ଭାରତ-ଆଫ୍ରିକା ବ୍ୟାବସାୟିକ ସମ୍ମିଳନୀର ଆନୁଷ୍ଠାନିକ ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେବେ । ଏହି ତିନିଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି "ଏକ ଭବିଷ୍ୟତ ସୃଷ୍ଟି କରିବା" । ଏହି ସମ୍ମିଳନୀରେ ବାଣିଜ୍ୟ, ପୁଞ୍ଜିନିବେଶ, ମୌଳିକଢାଞ୍ଚା, ସ୍ୱାସ୍ଥ୍ୟସେବା ଏବଂ ବୈଷୟିକ ଜ୍ଞାନକୌଶଳ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବ । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି

ସମ୍ମିଳନୀରେ ୪୭ଟି ଆଫ୍ରିକୀୟ ଦେଶ ସମେତ ମୋଟ ୬୫ଟି ଦେଶରୁ ୧୧ ଶହରୁ ଊର୍ଦ୍ଧ୍ୱ ଆନ୍ତର୍ଜାତିକ ପ୍ରତିନିଧି ଯୋଗ ଦେଇଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ

ପୂର୍ବାଞ୍ଚଳକୁ ଦେଶର ପ୍ରଗତିର ପ୍ରବେଶଦ୍ୱାର ଭାବେ ପରିଣତ କରିବା ଦିଗରେ କେନ୍ଦ୍ର ସରକାର ଅଙ୍ଗୀକାରବଦ୍ଧ ବୋଲି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଗତକାଲି କୋଲ୍‌କାତାଠାରେ ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ଆୟୋଜିତ ପୂର୍ବାଞ୍ଚଳ ଏକ୍‌ଜିମ୍ ସମ୍ମିଳନୀ-୨୦୨୪ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି, ପୂର୍ବାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଚଳିତ ବର୍ଷ ବଜେଟ୍‌ରେ ପୂର୍ବୋଦୟ ଯୋଜନା ସ୍ଥାନ ପାଇଛି । ପୂର୍ବ ଭାରତରେ ବିପୁଳ ପ୍ରାକୃତିକ ସମ୍ପଦ, ପ୍ରତିଭା ସମ୍ପନ୍ନ ଯୁବଗୋଷ୍ଠୀ ଓ ଦକ୍ଷ ଶ୍ରମଶକ୍ତି ରହିଛି । ଏହି ରାଜ୍ୟସମୂହର ମାନବ ସମ୍ବଳ ଓ ବୌଦ୍ଧିକ କ୍ଷମତା ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶିକ୍ଷାମନ୍ତ୍ରୀ କହିଛନ୍ତି, ସରକାର’ ରପ୍ତାନୀ ପ୍ରୋତ୍ସାହନ ନୀତି ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରୁଥିବାରୁ ପୂର୍ବ ଭାରତ ଏହାଦ୍ୱାରା ଅଧିକ ଲାଭବାନ୍ ହୋଇପାରିବ ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କ୍ଷେତ୍ରର ବିକାଶ ଲାଗି ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ଲାଗି କେତେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଉଛି । ଏତଦ୍‌ବ୍ୟତୀତ ଦେଶର ଖଣିଜ ନୀତିରେ ମଧ୍ୟ ସଂସ୍କାର ଅଣାଯିବା ଦ୍ୱାରା ପୂର୍ବ ଭାରତକୁ ଏହାର ଲାଭ ମିଳିବ ବୋଲି ସେ କହିଛନ୍ତି ।

## ଇଣ୍ଡିଆ-ଇ.ୟୁ. କନ୍‌ଫରେନ୍ସ

ଭାରତ-ୟୁରୋପୀୟ ସଂଘ ଟ୍ରାକ୍ ୧.୫ ସମ୍ମିଳନୀ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଦୁଇ ଦେଶ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ଆଞ୍ଚଳିକ ସମ୍ମିଳନୀରେ ଉଗ୍ରବାଦୀ ଏବଂ ସନ୍ତ୍ରାସବାଦୀଙ୍କଦ୍ୱାରା ଅନ୍‌ଲାଇନ୍ ମାଧ୍ୟମରେ ସୃଷ୍ଟି କରାଯାଉଥିବା ବିଭିନ୍ନ ଆହ୍ୱାନକୁ ପ୍ରତିହତ କରିବା ସହିତ ଏହାର ମୁକାବିଲା ଲାଗି ଏହି ବୈଠକରେ ଆଲୋଚନା କରାଯିବ । ଡିଜିଟାଲ୍ ସନ୍ତ୍ରାସବାଦକୁ ପ୍ରତିହତ କରିବା ଲାଗି ଦକ୍ଷିଣ ଏସିଆ ଏବଂ ୟୁରୋପର ଏହି କ୍ଷେତ୍ର ସହିତ ସମ୍ପୃକ୍ତ ନୀତି ନିର୍ଦ୍ଧାରକ, ବିଶେଷଜ୍ଞ ଏବଂ ପୁଲିସ୍ ଅଧିକାରୀ ଯୋଗ ଦେଉଛନ୍ତି ।

## ଉତ୍ତରାଖଣ୍ଡ - ସେସନ୍

ଉତ୍ତରାଖଣ୍ଡ ବିଧାନସଭାର ମୌସୁମୀ ଅଧିବେଶନ ଆଜିଠାରୁ ରାଜ୍ୟର ଗ୍ରୀଷ୍ମକାଳୀନ ରାଜଧାନୀ ଭରାରିସେଣଠାରେ ଆରମ୍ଭ ହେଉଛି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ଅତିରିକ୍ତ ବଜେଟ୍ ସହିତ କେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଆଗତ କରିବାର ସମ୍ଭାବନା ରହିଛି । ଏହି ଅଧିବୋନରେ ଉଭୟ ଶାସକ ଏବଂ ବିରୋଧୀ ବିଧାୟକମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଦେବାଲାଗି ସରକାର ପ୍ରସ୍ତୁତ ଅଛନ୍ତି ବୋଲି ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ସୌରଭ ବହୁଗୁଣା ଗଣମାଧ୍ୟମକୁ କହିଛନ୍ତି ।

## ଗିରିରାଜ ସିଂହ

ବୟନ ଶିଳ୍ପ କ୍ଷେତ୍ରରେ ନବସୃଜନତାକୁ ପ୍ରାଧାନ୍ୟ ଦେବା ସହିତ ଏହାର ସାମଗ୍ରିକ ବିକାଶ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବିଭାଗୀୟ ମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ବୟନ ଉତ୍ପାଦ ଲାଗି ଉଦ୍ଦିଷ୍ଟ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନାର ହିତାଧିକାରୀଙ୍କ ସହିତ କଥାବାର୍ତ୍ତା ସମୟରେ ସେ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ ବୟନ ଶିଳ୍ପ କ୍ଷେତ୍ର ସହ ସଂଶ୍ଲିଷ୍ଟ ବିଭିନ୍ନ ପକ୍ଷଙ୍କ ପୁଞ୍ଜିନିବେଶକୁ ତ୍ୱରାନିତ କରିବା ଦିଗରେ

ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ହିତାଧିକାରୀମାନେ ଏହି କ୍ଷେତ୍ରରେ ସେମାନଙ୍କର ଅଭିଜ୍ଞତା, ସଫଳତା, ପ୍ରତିଶ୍ରୁତିବଦ୍ଧତା ଏବଂ ସମସ୍ୟା ସମ୍ପର୍କରେ ଶ୍ରୀ ସିଂହଙ୍କୁ ଅବଗତ କରାଇଛନ୍ତି ।

## ବାଲାଦେଶ - ଆଇ.ସି.ସି. ୱିମେନ୍ ଟି-୨୦

ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ନବମ ସଂସ୍କରଣ ବାଂଲାଦେଶ ପରିବର୍ତ୍ତେ ସଂଯୁକ୍ତ ଆରବ ଏମିରେଟ୍ସ୍‌ରେ ଖେଳାଯିବ ବୋଲି ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ - ଆଇ.ସି.ସି. ଘୋଷଣା କରିଛି । ଆସନ୍ତା ଅକ୍ଟୋବର ୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ସଂଯୁକ୍ତ ଆବର ଏମିରେଟ୍ସ୍‌ର ଦୁବାଇ ଓ ସାରଜାରେ ଖେଳାଯିବ । ତେବେ ବାଂଲାଦେଶ କ୍ରିକେଟ୍ ବୋର୍ଡ୍ ଏହି ପ୍ରତିଯୋଗିତାର ସରକାରୀ ଆୟୋଜକ ଭାବେ ରହିବ ବୋଲି ଆଇ.ସି.ସି. ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି । ବାଂଲାଦେଶର ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଆଇ.ସି.ସି. କହିଛି ।

*****